ଶିଶୁବଳି

ଆନନ୍ଦ ଚନ୍ଦ୍ର ପତ୍ରି

Digitized by srujanika@gmail.com

ଶିଶୁବଳୀ

ଲେଖକ :
ଆନନ୍ଦ ଚନ୍ଦ୍ର ପଣ୍ଡା

ପ୍ରକାଶକ :
ଦାଶ ବୁକ୍ ଷ୍ଟୋର
କ୍ୟାପିଟାଲ୍ ହାଟ
ଭୁବନେଶ୍ୱର

Digitized by srujanika@gmail.com

ଶିଶୁବଳୀ

ଲେଖକ :
ଅନନ୍ଦ ଚନ୍ଦ୍ର ପହ୍ନି
ପ୍ରକାଶକ :
ଦାଶ ବୁକ୍ ଷ୍ଟୋର
କ୍ୟାପିଟାଲ ହାଟ, ଭୁବନେଶ୍ୱର
ପ୍ରଥମ ସଂସ୍କରଣ
୧୯୮୮
ମୁଦ୍ରଣ :
ଏକାମ୍ର ପ୍ରେସ,
ଭୁବନେଶ୍ୱର-୭
ମୂଲ୍ୟ : **ଟ ୪-୫୦ ପ**
(ଚାରିଟଙ୍କା ପଚାଶ ପଇସା)

SISUBALI

Written by : **Anand Chandra Pahi**

Published by : DASH BOOK STORE
Capital Hata, Bhubaneswar.

First Edition : **1988**

Printed at : **Ekamra Press**
Bhubaneswar-7

Price : **Rs 4-50 P.**

Digitized by srujanika@gmail.com

ଶିଶୁବଳି

ଧନେଶ୍ୱର ସାମଲ ମହାଜନୀ କାରବାର କରି ଅଳ୍ପ କେଇଟା ଦିନରେ ବଡଲୋକ ହୋଇଗଲା । ସିଏ କାରବାର ଆରମ୍ଭ କରିଥିଲା ମୋଟେ ହଜାରେ ଟଙ୍କାରେ । ଏଇନେ ଦର-କାର ହେଲେ ନଗଦ ଲକ୍ଷେ ଟଙ୍କା ଗଣିଦବ ।



ସୁନା, ରୂପା, କଂସା, ବାସନ, ସାଇକେଲ, ଘଣ୍ଟା, ରେଡ଼ିଓ କିଛିହେଲେ ବନ୍ଧକ ନରଖିଲେ ସିଏ ଗୋଟେ ପଇସାବି କାହାକୁ କରଜ ଦିଏନାହିଁ । କାରଣ ଜମିବାଡ଼ି ବନ୍ଧକ ରଖି ଚାଷବାସ କରି ଫସଲ ଅମଲ କରିବାକୁ ତାକୁ ବେଳ ନଥାଏ କି ଚାଷକାମ ତାକୁ଼ ଜଣା ନଥାଏ ।

Digitized by srujanika@gmail.com

ଧନେଶ୍ୱରର ସ୍ତ୍ରୀ କୁସୁମ । ଫୁଲଟିଏ ପରି ସୁନ୍ଦର ଦେଖିବା । ଧନେଶ୍ୱର ଖୁବ ଧନ କମେଇବା ପାଇଁ ତାର ବି ଖୁବ୍ ଆଗ୍ରହ । କୁସୁମର ବେକ, ହାତ, କାନ ଜୋଉଠିହେଲେ ଗହଣାର କଣିକାଏ ସୁଦ୍ଧା ନାହିଁ । ବାପଘରୁ ଯୋଉ ପାଞ୍ଚଭରି ସୁନା ଗହଣା ଆଣିଥିଲା ସେତକ ବଣିଆଁ ପାଖରେ ବନ୍ଧକ କରି ସେ ଟଙ୍କାକୁ କରଜ ଲଗାଇ ଦେଇଛି । କୁସୁମର ହାତପାଣି ଏଇନେ ପଚାଶ ହଜାର ଡେଇଁଲାଣି । ତାର କାରବାର ମାଇପି ମହଲରେ ।

ମହାଜନ କାରବାରରେ ଧନେଶ୍ୱର କାହାର ମୁହଁକୁ ଚାହେଁ ନାହିଁ । ବନ୍ଧକ ନରଖି ଦଶଟା ଟଙ୍କା ବି ସିଏ କାହାକୁ ଦିଏ ନାହିଁ ।

ଘର ଛାଡ଼ି ଧନେଶ୍ୱର କି କୁସୁମ ଦିନଟେ ହେଲେବି କେଉଁଠିକି ଯାଆନ୍ତି ନାହିଁ । ବନ୍ଧୁ ବାନ୍ଧବ, ଜାନିଯାତ୍ରା, ମେଳା ମଉଚ୍ଛବ କୋଉଠିକି ହେଲେ ଧନେଶ୍ୱର ଯାଏନାହିଁ । ଘରେ ଏତେ ସୁନା, ରୂପା, କଂସା ବାସନ ରଖି କୁଆଡେ ଗଲେ ଚୋର ନେଇଯିବାର ଭୟ । ନଥିଲାବେଳେ କେହି ଯଦି କରଜ ନେବାକୁ ଆସେ କି କରଜ ଶୁଝିବାକୁ ଆସି ଫେରିଯାଏ, ତା' ହେଲେ କ୍ଷତିଟା ତାଙ୍କର ହେବ ।

ଆଜି ଯାଏ ଧନେଶ୍ୱର ଶ୍ୱଶୁର ଘରକୁ ବି ଥରଟାଏ ହେଲେ ଯାଇନାହିଁ । କୁସୁମ ବି ବାହାହେଇ ଆସିଛି ଯାହା ସେତକି । ଆଉ ବାପଘର ମୁହଁ ଦେଖି ନାହିଁ । ତା ବାପା କେତେଥର ଆସି ଫେରି ଗଲେଣି । ତାର ସେଇ ଗୋଟିଏ କଥା ମୁଁ ତ

Digitized by srujanika@gmail.com

ତୁମକୁ ଦେଖିଲି । ବୋଉକୁ କହିବି ସିଏ ଥରଟିଏ ଆସିଲେ ତାକୁ ଦେଖିବ । ଆଉ ଯିବ କାହିଁକି ? ଗୋଟିଏ ଦିନ ଗଲେ କେତେ ଛୁଟି ପଡ଼ିବ ତମେ ଜାଣିଚନା ବାପା ?

କୁସୁମର ବାପା ତାକୁ ବୁଝେଇଲେ– ତୁ ଜାଣିନାଉଁ କୁସୁମ ମୋତେ ବାରଲୋକ ବାର କଥା କହୁଛନ୍ତି । ଏ ଛୋଟ–ଲୋକଗୁଡ଼ାଙ୍କ କଥା ମୁଁ ଆଉ ସହିପାରିବି ନାହିଁ । କିଏ କହୁଚି ଝିଅଟା ଏତେଦିନ ହେଲା ବାହା ହେଲାଣି ପୁଅଣି ହେଲାନାହିଁ । ସିଏ କଣ ବୁଝୁଚନ୍ତି ଯେ ତୁ ତୋ ଘର ଆଉ ମହାଜନ କାରବାର ନାଡ଼ିକି ଯାଇପାରୁ ନାହୁଁ ବୋଲି ?

କୁସୁମ କହିଲା–ଗାଁଆ ମାଇପିଙ୍କ କଥାରୁ ଆମକୁ କଣ ମିଳିବ ବାପା ? ମୁଁ ମୋଟେ ଘର ଛାଡ଼ିକି ଯାଇ ପାରିବିନାହିଁ । ତୁ ଯଦି ପୁଅଣି ସଜ ପଠେଇବା କଥା ପଠେଇଦେ । ତତେ ଆଉ କେହି ନିନ୍ଦା କରିବାକୁ ନଥିବ ।

Digitized by srujanika@gmail.com

କୁସୁମର ବାପା ତା'କୁ ଫୁସୁଲେଇଲେ-ମୁଁ କ'ଣ କହୁଥିଲିକି ଝିଅ, ଆମ ଅଭାବ କଥା ତ ତୁ ଜାଣିଚୁ । ବରଷକ ଭାତ ଖାଇବାକୁ ବିଲରେ ଧାନ ହଉ ନେଇଁ । ତେଇଁକି ପୁଣି ନାଗ ନାଗ ଦି' ତିନି ବରଷ ହେଲା ମରୁଡ଼ି ପଡ଼ିଚି । ତୁ ଯଦି କିଛି ଟଙ୍କା ଦିଅନ୍ତୁ ମୁଁ ସେଇ ଟଙ୍କାରେ ପୁଆଣି ସଜ କଣିକି ପଠେଇ-ଦିଅନ୍ତି । ତୋ ଧନ ତୋ ଘରକୁ ଫେରିଆସନ୍ତା । ଗାଁଆ ସାଇ ଲୋକଙ୍କ ପାଖରେ ଆମ ଘରର ମାନ ବଢ଼ନ୍ତା । ଏଠି ତୋ ଶାଶୁଘର ଗାଁଆରେ ବି ତୋ ମାନ ବଢ଼ନ୍ତା ।

କୁସୁମ କହିଲା--ହଁ ମ, ମୁଁ ତୋ ମତଲବ ବୁଝିଲିଣି । ତୁ ଆଇଚୁ ମତେ ଫୁସୁଲେଇକି ମୋଠୁ କିଛି ଟଙ୍କା ନବାକୁ । ମୁଁ ସବୁ ଜାଣିଚମ । ମୁଁ ତୋର ଝିଅଟି, ତୁ ମତେ ଠକିଦବୁ ? ଝିଅ-ଘର ଧନ ଖାଇଲେ କାହାକୁ ଅଣ୍ଡିଲାଣିନା ତତେ ଅଣ୍ଡିବ ?

କୁସୁମର ବାପା ଦେଖିଲେ ଝିଅ ତାଙ୍କର ଚିମୁଟେ ଲୁଣବି କାହାକୁ ଦବନାହିଁ । ତାଠୁ କିଛି ପାଇବାକୁ ଆଶାକରିବା ଅଯଥା । କଥା ବାଆଁରେଇ କହିଲେ-ମୁଁ ତୋ ମନ ବାଉଁଥିଲି । ହଉ ସେ କଥା ନ ହେଲା ନାହିଁ । ମୁଁ ଯାଉଚି, ମତେ ଯାହା ଯେତିକି ମିଳିବ ପୁଆଣି ସଜ କଣିକି ପଠେଇ ଦେବି ।

କୁସୁମ କହିଲା-ତୋ ଜଇଁକି ପୁନେଇ ଖିଆ ସଜ ଆଗ ନ ପଠେଇ ମୋ ପାଇଁ ପୁଆଣି ସଜ ପଠେଇଲେ ମୁଁ ରଖିବି ନେଇଁ କହିଦଉଚି । ସିଏ ମତେ ପୁନେଇ ଖିଆ ପାଇଁ ନିଇତି ଖୁଣ୍ଟା ଉଲୁଗୁଣା ଦଉଛନ୍ତି ।

Digitized by srujanika@gmail.com

(ଦୁଇ)

ବାହାଘରର ପନ୍ଦର ବରଷ ହେଇ ଗଲାଣି । ଧନ ଠୁଳ କରିବା ନିଶାରେ ଏତେ ବରଷ କଟି ଗଲା ସ୍ୱାମୀ ସ୍ତ୍ରୀ ଦିହେଁ ଜାଣି ପାରିଲେ ନାହିଁ । ଏ ପନ୍ଦର ବର୍ଷ ଭିତରେ ଦିହେଁ ଏକ ମୁହାଁ ହୋଇ ମାଡ଼ି ଚାଲିଚନ୍ତି ଆଗକୁ ଆଗକୁ । ପଛକୁ ଅନାଇ-ବାକୁ କି ଆଉ କିଛି ଭାବିବାକୁ ତାଙ୍କ ପାଖରେ ବେଳ ନାହିଁ କି ଆଗ୍ରହ ନାହିଁ ।

ଦିନେ ଜାଳ ଅନ୍ଧାରବେଳେ ଧନେଶ୍ୱର ଯାଉଥିଲେ କୋଉ-ତିଷଙ୍କ ଘରକୁ । ମଲ୍ଲିକପୁର ର ସନାତନ ତାହାକ ସୁନାହାର ଦେଇ ବନ୍ଧା ପକେଇ ନେଇଥିଲା ତିନିଶ ଟଙ୍କା । ପାଞ୍ଚ ବରଷ ହେଲାଣି ତାର ଦେଖା ଦର୍ଶନ ନାହିଁ । ତା ସୁଧ ମୂଳ ମିଶି ଦେଢ଼ ହଜାର ହେଲାଣି । ସିଏ ଯଦି ଏ ବର୍ଷ ଜିନିଷ ନ ମୁକୁ-ଳେଇବ ଆଉ ରଖିହବ ନାହିଁ । ତାକୁ ବିକ୍ରି କରି ନ ଦେଲେ ଜିନିଷ ଦାମଠୁ କରଜ ଟଙ୍କା ବଢ଼ିକି ଯିବ । ଆଜି ପଶ୍ଚିମ ଦିଗକୁ ଯାତ୍ରା କେତେବେଳେ ଅନୁକୂଳ ସେଇ କଥା କୋଉତିଷଙ୍କୁ ପଚାରିବ ଧନେଶ୍ୱର ।

Digitized by srujanika@gmail.com

ବାଟରେ ଦେଖା ହୋଇଗଲା ଗୋବରା ପ୍ରଧାନ ସାଙ୍ଗରେ । କାଲି ଅନ୍ଧାର ହେଲେଣି ମୁହଁଟା କେମିତି ବଟକଟିଆ କରି-ଦେଲା ଗୋବରା । ଏକଥା ଧନେଶ୍ୱରଙ୍କ ଆଖିରେ ପଡ଼ିଛି । କିନ୍ତୁ କାମରେ ସିଏ ଯାଉଛି । ତାର ଯାଏ କେଉଁଠି ଆସେ କେଉଁଠି ? ଧନେଶ୍ୱର କିଛି ନ କହି ଆଗକୁ ଆଗେଇଲା ।

ପଛରୁ ଗୋବରା କହୁଥିବାର ଧନେଶ୍ୱରର କାନରେ ପଡ଼ିଲା– ଶଳା ଆଣ୍ଠୁକୁଡ଼ା ମୁହଁ ଆଜି ସକାଳୁ ଦେଖିଲିଣି, ଆଜି ଦିନଟା କେମିତି କଟିବ କେଜାଣି ।

ପଛକୁ ମୁହଁ ବୁଲେଇ ଅନେଇଲା ଧନେଶ୍ୱର । ଗୋବରା ତା ଆଡ଼କୁ ଅନେଇ ଠିଆ ହୋଇ ଗୁରୁ ଗୁରୁ ହୋଇ କେଉଁଠିକଣ ବକି ଯାଉଛି । ଧନେଶ୍ୱରର ଆଖିରେ ଗୋବରା ଆଖି ପଡ଼ିଯିବା ସାଙ୍ଗେ ସାଙ୍ଗେ ମୁହଁ ବୁଲେଇ ଚୁପ୍‌ଚାପ୍ ଚାଲିଗଲା ।

ଧନେଶ୍ୱର ମନକୁ କଥାଟା ଭାରି ବାଧିଲା । ଗାଁ ଲୋକ-ମାନେ ତାକୁ ଆଣ୍ଠୁକୁଡ଼ା ବୋଲି ଘୃଣା କରୁଛନ୍ତି । ତା ମୁହଁ କି ତା ସ୍ତ୍ରୀ ମୁହଁ ଚାହିଁଲେ ଅଶୁଭ ହେବ ବୋଲି ସେମାନଙ୍କ ଆଗରେ ଦେଖିଲେ ମୁହଁ ବୁଲାଇ ଚାଲି ଯାଉଛନ୍ତି । ହଉ ହେଲା । ମୋ ମୁହଁ ଚାହିଁଲେ ଅଶୁଭ କି ସେମାନଙ୍କ ମୁହଁ ଚାହିଁଲେ ଅଶୁଭ ଏ କଥାଟା ମୁଁ କାଲି ପରଖି କରି ଦେଉଛି ।

ଧନେଶ୍ୱର ସେଦିନ ଆଉ କୋଉଠିକି ଘରକୁ ଗଲା ନାହିଁ । ସେଇଠୁ ଘରକୁ ଫେରି ଆସିଲା । ଘର ଦୁଆର ମୁହଁରେ

Digitized by srujanika@gmail.com

ଚଉକିଟିଏ ପକାଇ ଦାଣ୍ଡ କଡ଼କୁ ପଛ କରି ବସିଲା । ଦୁଆର ମୁହଁର ଧଡ଼ା ବନ୍ଦ କରି ଦେଲା ।

କୁସୁମ କଥାଟା କିଛି ବୁଝି ପାରିଲା ନାହିଁ । ଧନେଶ୍ୱରର ପାଖକୁ ଯାଇ କହିଲା - ଆଜି ପରା କଣ ମୁକୁନ୍ଦପୁର ଯିବ ବୋଲି ବାହାରିଥିଲ ? ମୁହଁଟା ଫଟେଇ କି ଘର ଦୁଆରମୁହଁ ମାଡ଼ିବସିଛ କାହିଁକି ? ପୁଣି ଦାଣ୍ଡକରକୁ ପଛ କରିକି ବସିଛ ?

ଧନେଶ୍ୱର କହିଲା - ତୁ କିଛି ଜାଣିବା ଦରକାର ନାହିଁ । ମୁଁ ଆଗେ ଏ ଗାଆଁବାଲାଙ୍କୁ ପାଠ ଲେଖାଁ ନ ଚଖେଇବା ଯାଏଁ ମୋ ମନରେ ଶାନ୍ତି ନାହିଁ । ଦେଖ ହେବା, ଏ ନିମକ ହାରାମ ଗାଆଁବାଲାଙ୍କୁ । ମୋ ହାତ ଟେକାକୁ ଏ ଗାଆଁରେ କିଏ ନ ଅନେଇଁଛି ? ସିଏ ମୋ ଘରକୁ ନ ଆସିଲେ ମୋର ଅଚଳ ନା ତାଙ୍କର ଅଚଳ ? ମୁଁ କୁଆଡ଼େ ଆଣ୍ଠୁକୁଡ଼ା ? ମୋ ମୁହଁ ଚାହିଁଲେ ଶୁଭ ନାହିଁ । ହଉ ହେଲା ଦେଖିବା ଏ ଗାଆଁବାଲା-ଙ୍କର ମୋ ମୁହଁ ଚାହିଁବା ଦରକାର କି ମୁଁ ସେମାନଙ୍କ ମୁହଁ ଚାହିଁବା ଦରକାର ?

Digitized by srujanika@gmail.com

ମୁଁ ଆଜି ଏଇଠି ବସିଲି । ଯିଏ ଆସିବ ତାକୁ ଫେରେଇବ । ମୋ ମୁହଁ ଚାହିଁଲେ ଅଶୁଭ । ମୋ ଘରକୁ କେହି ଆସିବା ଦରକାର ନାହିଁ ।

କୁସୁମ ଗର୍ଜି ଉଠିଲା -- କିଏ ସେ ଏମିତି କହିଲା ବାଲା ? ତା ନାଆଁଟା ମତେ କହିବଟି ମୁଁ ତା ଜିଭଟାକୁ ଯଦି ଝିଙ୍କି ନ ଆଣିଛି ତାହେଲେ ନିଧି ପାଇକେରା ଝିଅ ମୁଁ ନୁହଁ ।

(ତିନି)

ସେ ଦିନ ଗାଧୁଆ ବେଳକୁ ପଦିଆ ରାଉତ ଆସିକି ପହଞ୍ଚିଲା । ବାଆଁ କାଖତଳେ କଂସା ଢ଼ାଳଟେ ଲୁଚେଇକି ଧରିଛି । ଢାଳଟାକୁ ଘୋଡ଼େଇବା ପାଇଁ ବାଆଁ ପଟ କାନ୍ଧ ଉପରେ ଗାମୁଛାଟାଏ ପକେଇଛି । ଢାଳଟା ବନ୍ଧକ ଦେଇ କିଛି ଟଙ୍କା ନେବ ।

Digitized by srujanika@gmail.com

ଧଡ଼ା ଖୋଲିଲି ଧନେଶ୍ୱର ଘରକୁ ଅସିବା ପାଇଁ । ଧଡ଼ାର ବାଉଁଶଟା ଖଡ଼ ଖଡ଼ ହେବା କ୍ଷଣି ଧନେଶ୍ୱର ଗର୍ଜି ଉଠିଲା ସେମିତି ପଛପଟକୁ ମୁହଁ କରି କିଏସେ ? କିଏସେ ଧଡ଼ା ଖୋଲୁଛି ?

ପଦଆ କହିଲା—ଧନୁଭାଇ ମୁଁ ପଦଆ ।

ଧନେଶ୍ୱର କହିଲା–ତୁ ଯିଏ ହ, ମୋ ଘରକୁ କେହି ଆସିବା ଦରକାର ନାହିଁ । ମୁଁ କାହା ଘରକୁ ଯିବା ଦରକାର ନାହିଁ ।

–ତମେ ଏମିତି କଥା କାହିଁକି ଆଜି କହୁଚ ? କଥା କ'ଣ ? ତମକୁ କ'ଣ କିଏ କିଛି କହିଚ ? ଏମିତି ପଛ କରି ବସିଚ କାହିଁକି ?

ଧନେଶ୍ୱର ବଡ଼ା ଗଳାରେ କହିଲା— ମୋ ମୁହଁ ଗୁହିଁଲେ ଅଶୁଭ । ମୁଁ ଅଣ୍ଟୁକୁଡ଼ା । ମୋ ଘରକୁ କେହି ଆସିବା ଦର-ନାହିଁ । ମୋ ମୁହଁ କେହି ଚାହିଁବା ଦରକାର ନାହିଁ ।

ପଦଆ କହିଲା – ଇଏ ଗୋଟେ କଥା ? ଏଇ କଥାକୁ ତମେ ରାଗ କରିଚ ? ତମକୁ କିଏ ଏକଥା କହିଲା ?

–ଯିଏ କହିଲା ତୁ ସେଥିରୁ କଣ ପାଇବୁ ? ସବୁ ଶଳା ଏକା ନାଉର ମଙ୍ଗି । ଏ ଗାଆଁ ଲୋକଙ୍କୁ ଚହ୍ନିଚି । ଦରକାର ପଡ଼ିଲାବେଳେ ଗୋଟିପଣେ କାକର, ଯେମିତି ଏକ ମାଆପେଟର ଭାଇ । ଆଉ କାମ ସରିଲେ ଆଡ଼ଆଖିରେ ଅନେଇବେ ନେଇଁ ।

Digitized by srujanika@gmail.com

କିଏ ତମକୁ କଣ କହୁଛି କହୁନା ? ସମସ୍ତିଙ୍କି ମିଶେଇକି ଗୋଟାଛ ବାଡ଼ିଆ ଦେଲେ କେମିତି ହବ ? କିଏ ଏମିତି କଇଲା ବାଲି ? ତମ ଘରକୁ ନ ଆସିଲେ ଏ ଗାଆଁରେ କିଏ ଚଳି ପାରିବ ?

ଏ ଯୁଗରେ ଧରମ ବୋଲି କିଛି ନାହିଁ ପଦିଆ । ଗୋବରା-ପ୍ରଧାନର ମାଆ ମରିଗଲା ଗଲାଯନ । ପୁଅଘରେ ଖାଇବାକୁ ନଥିଲା । ଆସିକି ଯାକୁଲେଇ ହେଲା ଧନୁଭାଇ ତମେ ନ ଅନେଇଲେ ମୁଁ ଅଶୋଉଚିଆ ହେଇ ରହିବି । ମାଆକୁ ଶୁଦ୍ଧି ହେଇପାରିବ ନେଇଁ । ତା ଯୋଉ ପତଲା ମିଇଁ ମିଇଁ ପିତଲ ହଣ୍ଡା, ମାଣ୍ଡିଆ, ଗରା ଆଉ କଳାରୂପାର ଗୋଠ ରଖିକି ମୁଁ କଣ ଏତେଗୁଡ଼େ ଟଙ୍କା ଦେଇଥିଲି ? ତୋ ଭାଉକ ପରା ମତେ ନାହିଁ କରୁଥିଲା । ମୁଁ ତା କଥା ନମାନି ଦେଇଥିଲି ବୋଲି ସିନା ତା'ର ମଗଜ ଏଇଠନେ ଗରମ ।

ପଦିଆ କହିଲା– ତା ହେଲେ ଗୋବରା ତମକୁ କ'ଣ କଇଛି । କଣ କଇଲା ସେ କୁହା ମୁଣ୍ଡିଆଟା ?

ଛାଡ଼ ସେ କଥା ମୋର କହିବା ଦରକାର ନାହିଁ କି ତୋର ବି ଶୁଣିବା ଦରକାର ନାହିଁ ।

ପଦିଆ ଯୋରକଲା କଥାଟା ଶୁଣିବାକୁ । ଧନେଶ୍ୱର ପଦିଆକୁ ସବୁକଥା କହିଲା । ପଦିଆ ବଡହେ ଗାଳିଦେଲା ଗୋବରାକୁ । ତାପରେ କହିଲା– ଗୋବରାର ଅଠଟା ଚୁଆ ।

Digitized by srujanika@gmail.com

ପାଞ୍ଚଟା ପୁଅ ଆଉ ତିନିଟା ଝିଅ । ଘୁଷୁରୀ ଛୁଆପରି ସାଲୁବାଲୁ ହଉଛନ୍ତି । କିଏ ଧେଡ଼ଅଛି କିଏ ପେଟୁଆ । କାହାର ଗୋଡ଼ ବଙ୍କାଛି କାହାର ହାତ କେମା । ତା ବଡ଼ ଝିଅଟା କାଲୁଣି । ଏମିତି ପଲେ ଛୁଆ ଜନମ କରି ଲାଭ କ'ଣ ? ବରଂ ଆଜିକାଲି ଯୁଗରେ ଯାହାର ଛୁଆପିଲା ମୋଟେ ନହଉଛି ତାର ଭଲ । ସିଏ ଭଲରେ ଗଣ୍ଡେ ଖାଉଛି ପିନ୍ଧୁଛି ।

ଧନେଶ୍ୱର କହିଲା— ହଉ ତୁ କୁଆଡେ ଆସିଥିଲୁ କହିଲୁ ନଇଁ ପଦିଆ ?

ପଦିଆ କହିଲା— ଆଜିକାଲି ବେଲକାଲ ଭଲନୁହଁ ଧନୁଭାଇ । ଛୁଆଗୁଡ଼ାକ ଆଉ କାହାକଥା ମାନୁ ନାହାଁନ୍ତି । ମୋ ବଡ଼ପୁଅ ଚନ୍ଦରାଟା ସରକାରୀ ପୋଖରୀରେ ଦଇନ ଖରାବେଳ-ଯାକ ବୁଡୁଥିଲା । ଏବେ ପଡ଼ିଛି ଜରରେ । ତାତରେ ତା ଦେହରେ ଖଇ ଫୁଟୁଛି । ଘରେତ କିଛି ବୋଲି କିଛି ନାହିଁ । ତା

Digitized by srujanika@gmail.com

ମାଆ ନଚେଇଚ ଚନ୍ଦରାକୁ ମଧୁପୁରଗାଁକୁ ଯାଇଁକି ଔଷଧ ଆଣିବା ପେଇଁ । ଏଇ ଡ଼ାଲଟାକୁ ରଖି ଟଙ୍କା କୋଡ଼ିଏଟା ଦେଇଥା ମୁଁ ମାସ ଦଇଟା ତିନଟାର ନିଶ୍ଚେ ମୁକୁଳେଇ ନେବ ।

ଧନେଶ୍ୱର ଡ଼ାଲଟାକୁ ଏପଟ ସେପଟ ଓଲଟାଇ, ପାଲଟାଇ ଦେଖିଲା । ମୁହଁକୁ ବିଚକିଟିଆ କରି କହିଲା ଏଟା ଟଉ ମିଶା । ଏଟାକୁ ରଖି କୋଡ଼ିଏ ଟଙ୍କା କିଏ ଦବ ? ନବୁ ଯଦି ଟଙ୍କା ଦଶଟା ନେ । ଛୁଆଟା ଜରରେ ପଡ଼ିଚି । ଛୁଆଟା ପାଇଁ କେବଳ ଦଉଚି ।

ପଦିଆ ଆଉ ଉପାୟ ନପାଇ ଡ଼ାଲଟି ଥୋଇ ଟଙ୍କା ଦଶଟି ନେଇ ଘରକୁ ଗଲା ।

(ଗୁରି)

ସେ ଦିନସାରା କୁସୁମ ଶୋଇଚି । ରୋଷେଇବାସ ସକାଳ ଓଳା ଯାହା ହୋଇଥିଲା ସେତିକି । ରାତି ହେଲା । କୁସୁମ ସେମିତି ଶୋଇଚି । ଘର ଦୁଆର ସବୁ ଅନ୍ଧାର । ଘରେ ଜିନିଷ ପତ୍ର ଯାହା ଯୋଉଠି ଯେମିତି ପଡ଼ିଚି ସେମିତି ।

ଧନେଶ୍ୱର ଦୋକାନକୁ ଯାଇଥିଲା । ଫେରୁ ଫେରୁ ରାତି । ଦୁଆର ମୁହଁରେ ଠିଆହୋଇ ଡ଼ାକ ପକେଇଲା ଆଲୁଅ ଆଣି-ବାକୁ । କିନ୍ତୁ କେହି ଶୁଣିଲେ ନାହିଁ ।

ଅଣ୍ଡାଳି ଅଣ୍ଡାଳି ଘର ଭିତରକୁ ଗଲା ଧନେଶ୍ୱର । ଦିଆସିଲି ମାରି ଲଣ୍ଠନଟା ଲଗେଇଲା । ଘରଦ୍ୱାର ସବୁ ମେଲା

Digitized by srujanika@gmail.com

କିନ୍ତୁ କୁସୁମର ଦେଖାନାହିଁ । ଲଣ୍ଠନ ଧରି ଘର ପନ୍ଥପଟ ଖୋଜି ଆସିଲି । ଚେଷେଇ ଘରେ ବି କେହି ନାହାଁନ୍ତି । ଶୋଇବା

ଘରକୁ ପଶି ଗଲା ବେଳକୁ ଦେଖିଲି ଖଟ ଉପରେ ମୁହଁ ମାଡ଼ି ଶୋଇକି କଇଁ କଇଁ ହୋଇ କାନ୍ଦୁଛି କୁସୁମ ।

କେତେ ପଚରା ପଚରି ପରେ ବି କୁସୁମ କିଛି ନ କହି ଖାଲି କାନ୍ଦିବାକୁ ଲାଗିଲା । ବେଳକୁବେଳ କାନ୍ଦଣା ବଢ଼ିଲା । ଅନେକ ଗ୍ରଣ ନିୟମ ପକାଇଲା ପରେ କୁସୁମ କହିଲା ମୋ ମନଟା ଭଲ ଲାଗୁନେଇଁ ।

ଦିନେଶ୍ୱର ଆଶ୍ଚର୍ଯ୍ୟ ହୋଇ ପଚାରିଲା ମନଟା ଭଲ ନଲାଗିଲେ ଏମିତି କଅଁଳା ଛୁଆଙ୍କ ପରି କଇଁ କଇଁ ହେଇ କିଏ କାନ୍ଦେ ? ପୁଣି ମନଟା ତୋର କାହିଁକି ଭଲ ଲାଗୁନେଇଁ । କ'ଣ ହେଇଚ ?

Digitized by srujanika@gmail.com

ଆଖିରୁ ଲୁହ ପୋଛି ସ୍ୱାମୀଙ୍କ ମୁହଁକୁ ଅନେଇଁଲା କୁସୁମ । ପୁଣି କାନ୍ଦି ଉଠିଲା ବଡ଼ ପାଟିରେ । ଆଖିର ଲୁହ ତାର ବୋଲ ମାନୁନାହିଁ ।

ଯେତେ ବୁଝାଇଲେବି ସେ ଦିନ କୁସୁମର କାନ୍ଦ ବନ୍ଦ ହେଲା ନାହିଁ । ରାତିରେ ସେମିତି କାନ୍ଦି କାନ୍ଦି ଉପାସ ଶୋଇଲା ।

ସକାଳୁ ଉଠି ଗାଧୋଇ ପାଧୋଇ ନଡ଼ିଆଟିଏ ଆଉ କଞ୍ଚା ଦୁଧ ଧରି ମହାଦେବଙ୍କ ମନ୍ଦିରକୁ ଗଲା । ଧନେଶ୍ୱର ଆଶ୍ଚର୍ଯ୍ୟ ହୋଇ ଆଖି ବଡ ବଡ କରି ଦେଖିଲା ମହାଦେବଙ୍କ ଭୋଗ ଧରି ଫେରୁଛି କୁସୁମ ।

ଧନେଶ୍ୱର ଏଇ ପ୍ରଥମ ଦେଖିଲା କୁସୁମର ମନ୍ଦିରଯିବାଟା । କାହିଁରେଇ ତା ପାଖକୁ ଗଲା । ହାତ ପତେଇ ଭୋଗ ମାଗିଲା ।

Digitized by srujanika@gmail.com

କୁସୁମ ଦେହେ ଗଧଉ ଦଉ ଧନେଶ୍ୱର କହିଲା – ଠାକୁରଙ୍କୁ ପୂଜାକରି କ'ଣ ମାଗିଲ ? ଆର ଜନମରେ ଯେମିତି ଭଲ ବରଟିଏ ପାଇବ ନା ଭଲ ଘରଟିଏ ପାଇବ ?

କୁସୁମ କିଛି ନକହି ମୁହଁ ଫଣ ଫଣ କରି ଘର ଭିତରକୁ ପଶିଗଲା । କାଳିଠୁ ମୁହଁଟା ଯେମିତି କାନ୍ଦ କାନ୍ଦ ରହିଛି ।ଆଖି ଦୁଇଟା ଫୁଲିଲା ଫୁଲିଲା ପରି ଦିଶୁଛି ।

ଖରା ବେଳକୁ ବନ୍ଧାଖଣ୍ଡି ଜୋଉତଷ ମଦନ ଅସିଲା । ତାକୁ ଖୁବ୍ ଆଦରରେ ଡ଼ାକି ଆଣି ଦାଣ୍ଡ ପିଣ୍ଡା'ରେ ଅସନ ଦେଇ ବସ'ଇଲା କୁସୁମ । ତାପରେ ଧନେଶ୍ୱରର ପାଖକୁ ଯାଇ ମୁଣ୍ଡରେ ଓଢ଼ଣୀ ଟାଣି ଠିଆ ହେଲା । ଲାଜରା ଲାଜରା ହୋଇ କହିଲା – ଜଉତଷ ଆଇଚନ୍ତି ତାଙ୍କୁ ଟିକେ ହାତ ଦେଖାଉନ ?

ଧନେଶ୍ୱର ବୋକା ବୋକା ଆଖିରେ କୁସୁମକୁ ବଲ ବଲକେ ଖାଲି ଅନେଇଲା । ଆଜି କ'ଣ ହେଇଚ କୁସୁମର ସିଏ ଭାବି ପାରିଲା ନାହିଁ । କିଛି ନ କହି ଜଉତଷଙ୍କ ପାଖରେ ବସି ଡାହାଣ ହାତଟାକୁ ବଢେଇ ଦେଲା ।

ଜଉତଷ ଧନେଶ୍ୱରର ହାତଟାକୁ ତାଙ୍କ ବାଆଁ ହାତରେ ଧରି ଆର ହାତରେ ଖଡ଼ି ଗୋଟାଳରେ ତଳେ ଗାର କାଟିଲେ ।

Digitized by srujanika@gmail.com

ଆଖିରେ ଚଷମା ଲଗେଇ ହାତର ରେଖା ମାନଙ୍କୁ ପଢ଼ିଲେ ।
ତା ପରେ ପଚାରିଲେ - ତୁମର କର୍କଟ ରାଶି ନା ?

ଧନେଶ୍ୱର ମୁଣ୍ଡ ହଲାଇ ହଁ ମାରିଲା । ଜଉତଷ କହିଲେ ତମେ ଭାରି କପାଳିଆ । ତମ ଭାଗ୍ୟରେ ବହୁ ଧନ ସଂପତ୍ତି ଯୋଗ ଅଛି । ବିଶେଷ କରି ତୁମ ସ୍ତ୍ରୀଙ୍କ ଯୋଗୁ ତମର ସଂପତ୍ତି ବୃଦ୍ଧିର ଯୋଗ ଲେଖୁଛି । ତମ ସ୍ତ୍ରୀ ଭାରି ଲକ୍ଷ୍ମୀମନ୍ତ; ସାକ୍ଷାତ ଅର୍ଣ୍ଣପୂର୍ଣ୍ଣା । ସିଏ ଏ ଘରେ ଗୋଡ଼ ଦେବା ଦିନଠୁ ତମର ଧନ ସଂପତ୍ତି ମାଡ଼ି ଚାଲିଛି ।

ଏତକ କହି ଜଉତଷ ଧନେଶ୍ୱରର ମୁହଁକୁ ଚାହିଁଲେ । ଧନେଶ୍ୱର ଅଧା ହସା ମୁହଁରେ ମୁଣ୍ଡ ହଲାଇ ହଁ ମାରିଲା । ଏତିକିବେଳେ କୁସୁମ ଖଣ୍ଡେ କଡ଼ାପାନ ଆଣି ଜଉତଷଙ୍କୁ ବଢ଼େଇ ଦେଲା । ପାନଟାକୁ ପାଟିରେ ପୂରାଇ ଜଉତଷ ପୁଣି

Digitized by srujanika@gmail.com

ଖଡ଼ ଗୋଟାକରେ ତଳେ କିଛି ଲେଖିପକେଇ କହିଲେ – ତମର ନିରୋଗ ଶରୀର । ଜର, କାଶ, ଶର୍ଦ୍ଦି, ଝାଡ଼ା ଏମିତି ଛୁଟିଆ ରୋଗକୁ ଛାଡ଼ିଦେଲେ ଆଉ ଆଗକୁ କୋଡ଼ିଏ ପଚିଶ ବର୍ଷ ଭିତରେ ଅନ୍ୟ କିଛି ତୁମକୁ ହେବ ନାହିଁ ।

ପୁଣିଥରେ ଧନେଶ୍ୱରର ମୁହଁକୁ ଚାହିଁଲେ ଜ୍ୟୋତିଷ । କୁସୁମକୁ ପାଖକୁ ଡ଼ାକିଲେ – ତୁମେ ଏଇଠି ବସ ମା । ଦୁଇ ଜଣଙ୍କ ହାତ ଏକାଠି ନଦେଖିଲେ ସବୁକଥା ଠିକ୍ ଭାବେ କହି ହେବ ନାହିଁ । ହଁ ସେଇଠି ବସ । ଦିଅ ତମ ବାଆଁ ହାତଟା ଟିକେ ବଢ଼ାଅ ।

ଜ୍ୟୋତିଷ ଏଥର ଧନେଶ୍ୱରର ଡାହାଣ ହାତ ଓ କୁସୁମର ବାଆଁ ହାତକୁ ପାଖକୁ ପାଖ ଲଗେଇ ତାଙ୍କ ଦୁଇ ହାତରେ ଧରିଲେ । ଚଷମା ଦିଆ ଆଖିରେ ନିରିଖିକି ଦୁହିଁଙ୍କ ହାତକୁ ଦେଖିଲେ । ତାପରେ କହିଲେ—ଏ ମାଆର ହାତଟି ଭାରି ଭଲ ହାତ । ବେଶ ପରିଷ୍କାର । ଛନ୍ଦ କପଟ କିଛି ନାହିଁ । ଦୁଃଖୀ, ରଙ୍କଙ୍କ ପ୍ରତି ଭାରି ଦୟା । କାହାରି ଦୁଃଖ ଦେଖି ପାରନ୍ତି ନାହିଁ । ଭଗବାନଙ୍କଠି ଭାରି ଭକ୍ତି । କିନ୍ତୁ ଗୋଟିଏ କଥାରେ ମାଆଙ୍କ ମନ ସବୁବେଳେ ଊଣା ।

କୁସୁମର ଦୁଇ ଆଖିରୁ ଦୁଇଟୋପା ଲୁହ ଟପ୍ ଟାପ୍ ହୋଇ ଭୂଇଁରେ ଖସି ପଡ଼ିଲା । ଜ୍ୟୋତିଷ କହିଲେ—ତୁମେ କାନ୍ଦନା ମାଆ । ତୁମେ ଯୋଉଥିପାଇଁ କାନ୍ଦୁଛ ମୁଁ ଜାଣେ ।

Digitized by srujanika@gmail.com

ଏପର୍ଯ୍ୟନ୍ତ ଭଗବାନ ତୁମକୁ ପିଲା ବକଟେ ଦେଇ ନାହାଁନ୍ତି । କିନ୍ତୁ ମୁଁ ଜୋରଦେଇ କହିବି ତୁମ ଭାଗ୍ୟରେ ପୁତ୍ରସନ୍ତାନ ଅଛି । ଅବଶ୍ୟ ଟିକେ କଷ୍ଟ ଲେଖୁଛି ।

ଧନେଶ୍ୱରର ମୁହଁକୁ ଚାହିଁ ଜଉତିଷ ପଚାରିଲେ — ବାହାଘର କେତେ ବର୍ଷ ହେଲାଣି ?

ଧନେଶ୍ୱର କହିଲା—ପନ୍ଦର ଷୋଳ ବରଷ ହବ ।

ଜଉତିଷ କହିଲେ—ତମେ ବହୁତ ଡେରି କରିଦେଲ । ତଥାପି ଲୋକଙ୍କର ବାହାଘର ପଚିଶ ତିରିଶ ବରଷରେ ମଧ୍ୟ ପିଲା ହେବାର ବହୁତ ନଜିର ଅଛି । ତମ ଦିହିଙ୍କ ହସ୍ତରେଖା ଯାହା କହୁଛି ତମର ଗୋଟିଏ ରୂପବନ୍ତ ଆଉ ଗୁଣବନ୍ତ ପୁଅ ଯୋଗ ଅଛି । ଦୁଃଖୀ, ଭିକାରୀ, ବସ୍ତ୍ର ଆଉ ଗ୍ରହ ଶାନ୍ତି କଲେ ପୁତ୍ରଲାଭ ନିଶ୍ଚିତ ।

ସେଦିନ ଜଉତିଷଙ୍କ କହିବା ଅନୁସାରେ ଗ୍ରହଶାନ୍ତି ପାଇଁ ଯାହା ଯାହା ଦରକାର ଗୋଟିଏ ତାଲିକା କରାଗଲା । ଆସନ୍ତା ସୋମବାର ଦିନ ମହାଦେବ ମନ୍ଦିରରେ ଗ୍ରହ ଶାନ୍ତି ହେବାର ଠିକ ହେଲା । ସେଦିନ ଜଉତିଷ ଆସିବେ ବୋଲି କହିଗଲେ ।

କୁସୁମ ଜଉତିଷଙ୍କୁ ଉସୁନା ଚାଉଳ ଦୁଇସେର, କଦଳୀ ପେଣାଏ, ସାରୁ କଲେଇକ, ମୁଗଡ଼ାଲି କିଛି ଆଉ ଦୁଇଟଙ୍କା ଦେଇ ବିଦାକଲା ।

Digitized by srujanika@gmail.com

ପାଞ୍ଚ

ଧନେଶ୍ୱର କୁସୁମର ପରିବର୍ତ୍ତନରେ ଅବାକ ହେଲା । ସନ୍ଧ୍ୟାବେଳେ ଚଉଁରା ମୂଳେ ବତୀ ଦେବାବେଳେ ଧନେଶ୍ୱର ଯାଇ ପଚାରିଲା—ତମର ଆଜିକାଲି କ'ଣ ହେଉଚି ? ପୁଅ ପାଇଁ କି ତମେ ଭାରି ବେସ୍ତ ?

କୁସୁମ କାନ୍ଦ କାନ୍ଦ ହୋଇକହିଲା—ତୁମେ କ'ଣ ପିଲାଟିଏ ଚାହୁଁନା ? ଆମର ଏତେ ଧନ ସମ୍ପତ୍ତି କିଏ ଭୋଗ କରିବ ? ଆମ ଦେହ ପା ହେଲେ ଆମର କିଏ ସେବା କରିବ ?

Digitized by srujanika@gmail.com

ଧନେଶ୍ୱର କହିଲା – କେଉଁ ପୁଅ ଝିଅ କାହାକୁ ସ୍ୱର୍ଗକୁ ନେଲେଣି ନା ନେବେ ? କାହାର ବାପା ମାଆଙ୍କୁ କେଉଁ ପୁଅ ଦିହପାଣେ ସେବା କରୁଛି ? ଆମ ଗାଆଁର ନବ ମହାନ୍ତି ବୁଢ଼ା କଥା ଦେଖୁନା । ଗୁଣ ଗୁଣିଆ ପୁଅ ତାର, ବୁଢ଼ାଟା ଖଟାରେ ଘାଣ୍ଟି ହୋଇ ହୋଇ ମଲା । କେଉଁ ପୁଅ ତାକୁ ଅନେଇଲା ? ଗୁଣ ପୁଅଯାକ ବାଦ ମରାମରି ହୋଇ ରହିଲେ । ବୋହୂଯାକ ସମସ୍ତେ ନାକ ଟେକିଲେ । କ'ଣ ପାଇବ ତମେ ପୁଅ ଝିଅରୁ ? ଆଜିକାଲି କେହି କାହାର ନୁହଁ । ନିଜ ହାତଗୋଡ଼ ପାରୁଥିଲା ପର୍ଯ୍ୟନ୍ତ ଆଉ ତମ ପାଖରେ ପଇସା ଥିଲା ପର୍ଯ୍ୟନ୍ତ ସବୁ ଭଲ । ନିଜ ଦେହରୁ ବଳ ହଟିଲେ କେହି ଅନେଇବେ ନେଇଁ, ପଚାରିବେ ନେଇଁ ।

କୁସୁମ କହିଲା – ସମସ୍ତଙ୍କ ପୁଅ କଣ ସେମିତି ହୋଇଛନ୍ତି ? ଗଣି ସାମଲ ବୁଢ଼ାକୁ ଦେଖୁନା । ତାକୁ ଆସି ଶହେ ବରଷ ହେଲାଣି, ତାର ଗୋଟେ ଗୋଡ଼ ଅଚଳ । ତା ପୁଅ ମଇନ ତାକୁ କେତେ ସେବାଜତ୍ନ ନକରୁଚି ? ନିତି ଦିନ ଖଟା ପଡ଼ିଆକୁ ଟେକିକି ନଉଚି, ପାଣି ଢାଳି ଗାଧୋଇ ଦଉଚି । ବୁଢ଼ାର ଦିନଟେ ଅଫିମ ବନ୍ଦ ହେଲେ ନାକରୁ ଆଖିରୁ ପାଣି ଗଡ଼ିବ । ତା ପେଇଁ ବୁଲି ବୁଲିକି ଯୋଉଠୁ ହେଲେ ବି ମାସରେ ଅଫିମ କିଣି ଆଣି ଦଉଚି ହେଲେ ମଇନ ସବୁଦିନ ରାତିରେ ବୁଢ଼ାକୁ ଘଷା ଆଉଁଷା ନକଲେ ଶୋଇବ ନାହିଁ ।

ତମର ପୁଅ ହବ ପୁଣି ମଇନ ଭଳି ହବ ? ଆଜି କାଲିକା ଲଫଙ୍ଗା ଯୋଏ ସବୁ ବାପ ମାଆଙ୍କ କଥା ମାନୁ ନାହାଁନ୍ତି, ନାନା

Digitized by srujanika@gmail.com

ଖରାପ କାମ କରୁଛନ୍ତି, ଆଉ ମଦ ଗଞ୍ଜେଇ ଖାଇ ରାସ୍ତାରେ ଗଡୁଛନ୍ତି ସେମିତିଆ ପୁଅ କି ଏ ହବ ଯଦି ? ମୁଣ୍ଡରେ ହାତ ଦେଇ କାନ୍ଦୁଥିବ । ଏତେ ମହନତ କରି ଆମେ ଯାହା ଅରଜିଚେ ସବୁ ଉଜାଡ଼ି ଦବ । ଗାଁର ଆଉ ଅଉ ମାନଙ୍କ ପରି ଆମେ ଅଭାବରେ ଦିନ କାଟିବା ।

କୁସୁମ କହିଲା—ତୁମକୁ ସେଦିନ ଗୋବର କହିଲା ଆଣ୍ଟ କୁଡ଼ା । ତମେ ତା ଉପରେ ରାଗିଲ କାହିଁକି ? ତମକୁ କଥାଟା ବାଧିଲା ବୋଲି ନା ? ମୁଁ ସେଦିନ ପୋଖରୀ ହୁଡ଼ାରେ ଠିଆ ହେଇଚି, ମତେ ଦେଖେଇ ଦେଖେଇ ଗୋଉରୀ ବୋଉ ନଖିଆ ମାଆ ଖୁଡ଼ି କେତେ କଥା କହିଲେ । ମୋ ମୁହଁ ଚାହିଲେ ଅମଙ୍ଗଳ, ଅଶୁଭ ବୋଲି ନଖିଆ ମାଆ ଖୁଡ଼ି ମୋ ମୁହଁ ଉପରେ କହିଲେ ।

ଏତକ କହି କାନ୍ଦି ପକେଇଲା କୁସୁମ । ଆଖିରୁ ଲୁହ ପୋଛୁ ପୋଛୁ ପୁଣି କହିଲା – ଧନ କମେଇବା ନିଶାରେ ସିନା ମତେ କିଛି ଜଣା ପଡୁ ନଥିଲା, ହେଲେ ପିଲା ବଚ୍ଚେ ନାହିଁ ବୋଲି ଏ ଘରଟା ଘର ପରି ଲାଗୁନେଇଁ ।

ମୋର ଏବେ ମନେ ପଡୁଚି ଗଲା ସନ ଶିରପଞ୍ଚମୀ ବାସୀ ଦିନ ରଘୁ ନାହାକ କାଖରେ ଛତା ଜାକି ତା ଝିଅ ପାଇଁ ବର ଖୋଜିବାକୁ ଯିବାକୁ ବାହାରିଥିଲା । ମୁଁ ଆମ ଏଇ ଧଡ଼ାପାଖରେ ଠିଆ ହୋଇଥିଲି ଆଉ କେହି କୁଆଡେ ନଥିଲେ । ମତେ ଦେଖିକି ସିଏ ସେଇଠୁ ଘରକୁ ଫେରି ଗଲା । ମୁଁ ଏବେ

Digitized by srujanika@gmail.com

ଜାଣୁଚ ମୋ ମୁହଁ ଚାହିଁଲେ ଅଶୁଭ ବୋଲି ସିଏ ଶୁଭକାମରେ ଗଲାନାହିଁ ।

ଧନେଶ୍ବର ତାକୁ ବୁଝେଇଲା—ଗାଆଁ ଲୋକଙ୍କ କଥାରେ ଚାଲିଲେ, କି ସେମାନଙ୍କ କଥା ଶୁଣିଲେ ଚଳିହେବ ନାହିଁ । ସେମାନେ ଆମ ଧନ ସମ୍ପତ୍ତି ଦେଖି ସହି ପାରୁନାହାଁନ୍ତି ବୋଲି ଏମିତି କହୁଚନ୍ତି ।

କୁସୁମ କହିଲା—ଗାଆଁ ଲୋକ ଯାହା କୁହନ୍ତୁ ଆମର ସେଥିରେ ଯାଏ ଆସେ କିଛି ନାହିଁ । ହେଲେ ପିଲାଟେ ନଥିବାରୁ ଏ ଘରଟା ଖାଲି ଖାଲି ଲାଗୁଚି । କୋଉଥିରେ ମୋର ମନ ଲାଗୁନେଇ । ଆମର ଯଦି ପୁଅଟିଏ ଥାଆନ୍ତା, କେତେ ଭଲ ହୁଅନ୍ତା କହିଲ । ଖିଲି ଖିଲି ହୋଇ ହସନ୍ତା, ତୁମକୁ ବାପା ବାପା ଡାକନ୍ତା ଆଉ ମତେ ମାଆ ମାଆ ଡାକି ମୋ ପଛରେ ଗୋଡେଇ ଥାଆନ୍ତା । କେତେ ଅଳି ଅରଦଳି କରନ୍ତା ।

Digitized by srujanika@gmail.com

ଦୀର୍ଘ ନିଃଶ୍ୱାସ ଛାଡ଼ିଲା କୁସୁମ । ଆମର ସେ ଭାଗ୍ୟ କାହିଁ ।

ଧନେଶ୍ୱର ବୁଝେଇଲା – ତମେ ଯଦି ପିଲାଟାଏ ପାଇଁ ଏତେ ବ୍ୟସ୍ତ ଗୋଟେ କାମ କଲେ ହୁଅନ୍ତା ନେଇଁ ?

– କି କାମ ? କୋଉ କାମ କରିବା କଥା କହୁଚ ? ତମେ ଯାହା କହିବ ମୁଁ ସେ କାମ କରିବି ।

—ଏଇ ଧର ଆମେ କାହାଠୁ କାହାରି ଛୋଟ ପିଲାଟେ ପୋଷ୍ୟ ପୁତ୍ର କରି ଆଣିଲେ ହୁଅନ୍ତା । ତମ ସାନ ଭାଇ ସପନର ପଞ୍ଚ ଦିଇଟା ପୁଅ । ସେଇଥିରୁ ଗୋଟେ ପିଲା ନେଇ ଆସିଲେ କେମିତି ହୁଅନ୍ତା ?

କୁସୁମ ଏ କଥାରେ ଘୋର ଆପତ୍ତି ଉଠାଇଲା । ପର ପିଲା କେବେ ନିଜର ହେବ ନାହିଁ । ସିଏ ବଡ଼ ହେଲେ ସବୁବେଳେ ତା ଘର ମୁହାଁ ହବ । ତା ବାପା ମାଆଙ୍କୁ ଚିହ୍ନି ଗଲେ ଏଠିକି ତା ମନ ଆଉ ଲାଗିବ ନେଇଁ । କେତେ ତାକୁ ବାନ୍ଧିକି ରଖିବ । ପୋଷା ପୁଅ, ଗୁଞ୍ଜା ରୁଅ । ସିଏ କୋଉ କାମକୁ ନୁହଁ । ଆମେ ମିହନତ କରି ସମ୍ପତ୍ତି କମେଇଚେ କଣ ସେଇ ସପନାର ପୁଅ ପାଇଁ ? ତମେ ସେ କଥା ମତେ କୁହନା । କଉଡିଷ ଯାହା ଯେମିତି କରିବାକୁ କରିକି ଯାଉଛନ୍ତି ସେ ସବୁ ଯୋଗାଡ଼ କର । ଆମ ଗାଆଁରେ ପରିଆ ଖୁଣ୍ଟିଆର ପଚାଶ ବର୍ଷରେ ପୁଅ ହେଇଥିଲା । ସିଏ ଗ୍ରହ ଶାନ୍ତି କରିବାର ଗୋଟେ ବରଷ ନଯାଉଣୁ ତାର ପୁଅ ହେଇଥିଲା ।

Digitized by srujanika@gmail.com

ତମେ ଯଦି କହୁଚ ମୁଁ ସବୁ ଯୋଗାଡ଼ କରିଦେବି ହେଲେ ମୋର ସେଥିରେ ବିନ୍ଦୁଟାକର ବିଶ୍ୱାସ ନାହିଁ । ବ୍ରାହ୍ମଣ, ଜଉତିଷଙ୍କର ଇଏ ଗୋଟେ ଗୋଟେ ଫନ୍ଦି । ଭଗବାନଙ୍କଠି ଭକ୍ତି ରଖ । ତାଙ୍କର ଦୟାହେଲେ ସବୁ ହବ ।

ସୋମବାର ଦିନ ମହାଦେବଙ୍କ ପାଖରେ ଗ୍ରହଶାନ୍ତି କରାଗଲା । ବ୍ରାହ୍ମଣ ଜଉତିଷକି ମୋଟ ପଚିଶ ଜଣଙ୍କୁ ଖାଇବାକୁ ଦିଆଗଲା । ଘିଅ ପୋଡ଼ା ହେଲା । ବ୍ରାହ୍ମଣ ଆଶୀର୍ବାଦ କଲେ ।

କୁସୁମର ମନ ଭିତରେ ଆଶାର କଢ଼ଟିଏ ହସି ଉଠିଲା ।

ଗାଆଁ ଲୋକମାନେ ଆଶ୍ଚର୍ଯ୍ୟ ହେଲେ । ସମ୍ପତ୍ତି ଠୁଳ କରିବା ଛାଡ଼ି ଦାନ, ଧର୍ମ କରିବାକୁ ଧନେଶ୍ୱର ମନ ବଳିଲା କେମିତି । କଥାଟା ଆଉ ବେଶି ଦିନ ଲୁଚି ରହିଲା ନାହିଁ । ପ୍ରକୃତ

Digitized by srujanika@gmail.com

ସୋମବାର ମହାଦେବ ମନ୍ଦିରରେ କୁସୁମର ପୂଜା, ବ୍ରାହ୍ମଣ ଭୋଜନ ଦେଖି ଗାଆଁ ଲୋକ ଚୁପ୍‌ଚାପ୍ ହେଲେ । ଏବେ ଦିନେ ଧନେଶ୍ୱରର ଚେତା ପଶିଚି । କେବଳ ଧନ କମେଇବା ସବୁ କଥା ନୁହଁ । କୋଳରେ ପିଲାଟିଏ ନଥିଲେ ସବୁ ବୃଥା । ଏ ସମ୍ପତ୍ତି ଭୂତ ଖାଇବ ।

॥ ଛଅ ॥

ଏଇ ଦି ବରଷ ଭିତରେ ଧନେଶ୍ୱର ଆଉ କୁସୁମର ମହାଜନୀ କାରବାରରେ ବହୁତ କ୍ଷତି ହୋଇଛି । ଦି ପ୍ରାଣୀଯାକ ପୁରୀ, କପିଳାସ, ସାରଳା, ତାରାତାରିଣୀ, ଲିଙ୍ଗରାଜ ଆଦି ସବୁ ଦେବମନ୍ଦିର ଯାଇ ପୂଜାକରି ମନର କଥା ଜଣେଇ ଆସିଛନ୍ତି । କିନ୍ତୁ ତାଙ୍କ କୋଳରେ ପିଲାଟିଏ ଦେଇ ନାହାଁନ୍ତି ଭଗବାନ ।

କୁସୁମର ଆଉ କୋଉ କାମରେ ମନ ନାହିଁ । ମାସର ପନ୍ଦର ଦିନ ଓଷା, ବାର, ଉପାସ ପାଳିବାରେ କଟୁଛି । ସକାଳେ ଘଣ୍ଟେ ଆଉ ସଂଧ୍ୟା ବେଳେ ଘଣ୍ଟେ ଠାକୁରଙ୍କ ପାଖରେ ଧୂପ, ଦୀପ, ପୂଜା ଆଳତୀରେ କଟୁଚି । ଯିଏ ଯାହା କହିଲା ସବୁ କରିସାରିଲାଣି କୁସୁମ । କିନ୍ତୁ ଫଳ କିଛି ନାହିଁ । ଦିନକୁ ଦିନ ଆଶା ଫୁଲଟି ମଉଳି ପଡ଼ୁଚି ତାର ।

Digitized by srujanika@gmail.com

ପ୍ରଥମେ ପ୍ରଥମେ ସିନା ଧନେଶ୍ୱର ପୁଅ ପାଇଁ ସେତେ ବ୍ୟସ୍ତ ହେଉ ନଥିଲା କିନ୍ତୁ ବର୍ତ୍ତମାନ କୁସୁମଠୁ ସିଏ ବେଶି



ବ୍ୟସ୍ତ । ସକାଳେ ସଂଜବେଳେ ଠାକୁର ପୂଜା ସାଙ୍ଗକୁ ସଂକ୍ରାନ୍ତି, ଅମେଇସା, ପୂର୍ଣ୍ଣିମୀ ଦିନରେ ଦିନବେଳା କାଧିଆ ଉପାସ । ରାତିକି ଅରୁଆ ଭାତ ଖାଉଛି ।

ଦୁଇ ଦୁଇଟା ହୁକୁମ ଔଷଧ ପାଖକୁ କୁସୁମକୁ ନେଇକି ଯାଇଚି ଧନେଶ୍ୱର । ଖୁବ୍ ଭକ୍ତିରେ ଆଉ ବିଶ୍ୱାସରେ ହୁକୁମ ଔଷଧ ସ୍ୱାମୀ, ସ୍ତ୍ରୀ ଦୁହେଁ ଖାଇଛନ୍ତି ସେ ଅଞ୍ଚଳରେ ଯେତେ ମଠ, ଆଶ୍ରମ ସବୁଠିକି ଯାଇଛି ଧନେଶ୍ୱର । ବାବା ମାନଙ୍କ କହିବା ଅନୁସାରେ ସବୁ କରିଛି । ସିଏ ଯାହା ଚାହିଁଛନ୍ତି ସବୁ ଦେଇଛି । କିନ୍ତୁ ସିଏ ତା ବଦଳରେ କିଛି ପାଇନାହିଁ ।

Digitized by srujanika@gmail.com

ଦିନ ଯେତିକି ଗଡ଼ି ଚାଲିଛି ଧନେଶ୍ୱର ସେତିକି ହତାଶ ହେଉଛି । ଗାଆଁ ଭିତରକୁ ଯିବା ଏଥର ଛାଡ଼ି ଦେଇଛି ସିଏ । ଗାଆଁ ଲୋକମାନେ ତାକୁ କେମିତି ଅଲଗା ଆଖିରେ ଦେଖୁଛନ୍ତି । ନୂଆ ଲୋକଟିଏ ଦେଖିବା ପରି ଚହ୍ଲିବା ଚହ୍ଲିକା ଆଖିରେ ଚାହୁଁଚନ୍ତି । ଧନେଶ୍ୱରର ମନେହେଉଛି ତାକୁ ଗାଆଁ ଲୋକମାନେ କହୁଚନ୍ତି – ଏଟା ଗୋଟେ ଅଣପୁରୁଷା, ଅଣ୍ଟକୁଡ଼ା ୟା ମୁହଁ ଚାହିଁଲେ ଅଶୁଭ । ଏତେ ସମ୍ପତ୍ତି ରଖିଚ, କଣ ହବ, ଏ ସବୁ କିଏ ଖାଇବ ?

ଏଣିକି କୁସୁମକୁ ଲୁଚେଇ ଲୁଚେଇ ଧନେଶ୍ୱର କାନ୍ଦୁଚି । ଦିନେ ଦିନେ ମନ ଦୁଃଖରେ ଖାଉ ନାହିଁ ।

ଦିନେ ସାମଲ ସାହୁର ମନ୍ଦର ଆସି କହିଲା – ଶୁଣିଲଣିନା ଧନୁ ଭାଇ ! ମର୍ଯ୍ୟାଦାପୁରକୁ ଜଣେ କିଏ ତାନ୍ତ୍ରିକ ଆସିଚନ୍ତି ।

Digitized by srujanika@gmail.com

ସିଏ ତନ୍ତ୍ର ବଳରେ ଖୁବ୍ ଖୁବ୍ ଆଶ୍ଚର୍ଯ୍ୟ କାମ କରି ପାରୁଛନ୍ତି । ରଘୁଆ କହୁଥିଲା ସିଏ କୁଆଡ଼େ ପାଣି ଉପରେ ଚାଲିଯାଉଛନ୍ତି । ଗାଳିଆ ନଈ କୂଳରେ ଡଙ୍ଗା ନଥିଲା । ତାନ୍ତ୍ରିକ ପାଣି ଉପରେ ଚାଲିଗଲେ । ତାଙ୍କ ପାଦରେ ପାଣି ଲାଗିଲା ନାହିଁ ।

ଧନେଶ୍ୱରର ଆଖି ବଡ଼ ବଡ଼ ହୋଇଗଲା । ସିଏ ଆଶ୍ଚର୍ଯ୍ୟ ହୋଇ ପଚାରିଲା—ପାଣି ଉପରେ ଚାଲିଗଲେ ? ଏଇଟା କ'ଣ ସତ କଥା ?

ତୁ ସିନା ବିଶ୍ୱାସ ଯାଉନଉଁ ଧନୁଭାଇ, କିନ୍ତୁ କଥାଟା ସତ । ରଘୁଆ ନିଜ ଆଖିରେ ଦେଖିଛି । ଖାଲି କଣ ସେତିକି ସିଏ କୁଆଡ଼େ କାଳୀ ସାଧନା କରିଛନ୍ତି । କାଳୀଙ୍କୁ ଯାହା ମାଗିବେ ସିଏ ତାଙ୍କୁ ତାହା ଦେବେ । ତମେ ତାଙ୍କୁ ଯାଇକି ଦେଖା କରୁନା ? ସିଏ ଚାହିଁଲେ ତମ ଇଚ୍ଛା ସିଏ ପୂରଣ କରି ପାରିବେ । ତାଙ୍କୁ ଦେଇ ନେଇ ମନେଇ ପାରିଲେ ହେଲା ।

ମୁଁ ଶୁଣିଚି କାଳୀଙ୍କୁ ସେ ତାନ୍ତ୍ରିକ ଡାକିଲେ କାଳୀ ଉତ୍ତର ଦେଉଛନ୍ତି । ମର୍ଯ୍ୟଦାପୁରିତ ବେଶି ବାଟ ନୁହଁ । ଭାଉଜଙ୍କୁ ସାଙ୍ଗରେ ନେଇ ଥରୁଟା ତମେ ଯା । କାହିଁ କେତେ ଯାଗା ତମେ ବୁଲି ଆସିଲଣି । କେତେ ନାହିଁ କେତେ ଟଙ୍କା ଖର୍ଚ୍ଚ କଲଣି । ଏଥିରେ ଏମିତି କେତେ ଖର୍ଚ୍ଚ ପଡ଼ିବକି ?

Digitized by srujanika@gmail.com

ଧନେଶ୍ୱର କହିଲା– ସବୁତ ସରିଲାଣି ଆଉ କେବଳ ବାକି ଅଛି ତାନ୍ତ୍ରିକ ପାଖକୁ ଯିବାଟା । ସିଏ ଯଦି ଏତେ ବଡ ତାନ୍ତ୍ରିକ ତାହେଲେ ମୁଁ ନିଶ୍ଚେ ଯିବ ।

ମନ୍ଦର ଯିବା ପରେ ଧନେଶ୍ୱର କୁସୁମକୁ ତାନ୍ତ୍ରିକ ପାଖକୁ ଯିବା କଥା କହିଲା । ତାନ୍ତ୍ରିକ ପାଖକୁ ଯିବାପଇଁ କୁସୁମ ଅମଙ୍ଗ ହେଲା ନାହିଁ । ପିଲାଟିଏ ପାଇବା ପାଇଁ ଯେତେ ଟଙ୍କା ଦରକାର ପଡୁ କି ଯେତେ ବାଟ ଯିବାକୁ ହେଉ ସେଥିପାଇଁ କୁସୁମର ମନ ଦୁଃଖ ନାହିଁ ।

॥ ସାତ ॥

ତାନ୍ତ୍ରିକଙ୍କ ପାଖରେ ପହଞ୍ଚିଲେ ଧନେଶ୍ୱର ଆଉ କୁସୁମ । ତାଙ୍କ ପାଖରେ ଚାରି ପାଞ୍ଚ ଜଣ ଲୋକ ଥିଲେ । ସେମାନେ କାମ ସାରି ଯିବାଯାଏ ସେ ଦୁହେଁ ଅପେକ୍ଷା କଲେ । ତାନ୍ତ୍ରିକଙ୍କ ମୁହଁରେ ଦାଢ଼ି । ଡାହାଣ ହାତରେ ମୋଟା ଷ୍ଟିଲ କଙ୍କଣ ପଟେ । ମୁଣ୍ଡରେ ପଗଡ଼ି । ଗାଢ଼ ଗେରୁଆ ରଙ୍ଗର ଲୁଙ୍ଗି ଉପରେ ସେଇ ରଙ୍ଗର ପଞ୍ଜାବି । ସିନ୍ଦୁର ଓ ଜଡାତେଲ ମିଶା ମୋଟା କଲଟେ ଝଟକୁଚି ମଥାରେ । ବଡ ବଡ଼ ଲାଲ ଲାଲ ଆଖି କୁମ୍ଭାର ଚକପରି ଚାରିକଡ଼ ବୁଲୁଛି ।

Digitized by srujanika@gmail.com

ତାନ୍ତ୍ରିକ ସେମାନଙ୍କୁ ଆସିବାର କାରଣ ପଚାରି ବୁଝିଲେ । ପିଲାଟିଏ ପାଇଁ ସେମାନେ ଆସିଛନ୍ତି ବୋଲି ଶୁଣାଇଲା ପରେ ଟହ ଟହ ହୋଇ ହସି ଉଠିଲେ । କୁସୁମ ଏ ହସ ଶୁଣି ଭୟ

ପାଇଗଲା । ତାନ୍ତ୍ରିକ ହସ ବନ୍ଦ କରି କହିଲେ--ମା ଆ କାଳୀଙ୍କଠୁ ପିଲା ମାଗି ଆଣିବା ବଡ କଥା ନୁହଁ କିନ୍ତୁ···

ଧନେଶ୍ୱର ପଚାରିଲା--ସେଥିପାଇଁ ଯାହା କରିବାକୁ ହେବ ଆମେ ଗେରସ୍ତ ଘରିକା ଦହେଁ କରିବାକୁ ତିଆରି ଅଛୁ ।

ତାନ୍ତ୍ରିକ କହିଲେ-ମୁଁ କାଳୀ ସାଧନା କରିବା ଭିତରେ ଏ ପର୍ଯ୍ୟନ୍ତ ପାଞ୍ଚଟା ପିଲା ମୁଁ ତାଙ୍କଠୁ ମାଗିକି ଆଣିଛି ।

Digitized by srujanika@gmail.com

କୁସୁମର ଆଖିରୁ ଡର ଛାଡ଼ିଗଲା । ଆଶାରେ ତା ମୁହଁ ଆଉ ଆଖି ଉଜ୍ଜ୍ୱଳ ଦିଶିଲା । ସିଏ କହିଲା ଆମପାଇଁ ଆପଣ ପିଲାଟିଏ ମାଗି ଆଣନ୍ତୁ । ଆପଣ ଯାହା ଚାହିଁବେ ଆମେ ଦବୁ, ଆଉ ଯାହା କହିବେ ଆମେ କରିବୁ ।

ତାନ୍ତ୍ରିକ ଏଥର କଟମଟ କରି କୁସୁମକୁ ଅନେଇଁ କହିଲେ ଯେତିକି ଓଜନର ପୁଅ ତମେ ଚାହୁଁଛ ସେତିକି ଓଜନର ସୁନାରେ ତିଆରି ପୁଅଟିଏ ମତେ ଦେଇ ପାରିବ ? ମୁଁ ସେ ମୂର୍ତ୍ତିଟିକୁ କାଳୀଙ୍କ ପାଖରେ ସମର୍ପଣ କରି ତା ବଦଳରେ ଗୋଟିଏ ପୁଅ ମାଗିବି । ମୁଁ ପୂଜା କରିବାର ଠିକ୍ ବର୍ଷକ ଭିତରେ ପୁଅଟିଏ ତମର ହେବ ।

ଧନେଶ୍ୱର ଓ କୁସୁମ ବୋକା ବୋକା ଆଖିରେ ଦୁହେଁ ଦୁହିଁଙ୍କୁ ଚାହିଁଲେ । ଧନେଶ୍ୱର କହିଲା- ଆଜ୍ଞା ଏତେ ସୁନା ମୁଁ କୋଉଠୁ ପାଇବି ? ରଜା, ମହାରଜାଙ୍କ ଘରେତ ଏତେ ସୁନା ନଥିବ । ଆଉ ଅନ୍ୟ କିଛି ବାଟ ଥିଲେ କୁହନ୍ତୁ । ସୁନା ବଦଳରେ ରୁପା କି ପିତଳର ମୂର୍ତ୍ତି ଦେଲେ ଯଦି ହେବ ତେବେ ମୁଁ ଦେଇ ପାରିବି ।

ତାନ୍ତ୍ରିକ କହିଲେ – ନା, ସୁନା ବ୍ୟତୀତ ଆଉ କୌଣସି ଧାତୁରେ ତିଆରି ହେଲେ କାଳୀ ତାକୁ ଗ୍ରହଣ କରିବେ ନାହିଁ । କିନ୍ତୁ ଆଉ ଗୋଟେ ଉପାୟ ଅଛି ।

Digitized by srujanika@gmail.com

ଧନେଶ୍ୱର ଓ କୁସୁମ ଏକା ବେଳକେ ପଚାରିଲେ କି ଉପାୟ ଅଛି ?

ତାନ୍ତ୍ରିକ ଚାରିଆଡ଼କୁ ଥରେ ଆଖି ବୁଲାଇ ଆଣି ଖୁବ୍ ଚୁପ ଚୁପ୍ ଭାବରେ କହିଲେ-- ଦେଇ ପାରିବ ଗୋଟେ ଶିଶୁ ବଳୀ ? ଛଅ ସାତ ବରଷରୁ ବେଶି ହୋଇ ନଥିବ କି ତା ଦେହରେ କୋଉଠି ଖଣ୍ଡିଆ ନଥିବ । ଏମିତିଆ ଶିଶୁଟିଏ ତମେ ଯୋଗାଡ କରି ପାରିବ ମାଆଙ୍କ ବଳୀ ପାଇଁ ?



ଧନେଶ୍ୱର ଓ କୁସୁମ ଦୁହେଁ ଚମକି ପଡ଼ିଲେ । ଶିଶୁ ବଳୀ ? ବଳୀଦେବା ପାଇଁ ଶିଶୁ ସେମାନେ କୋଉଠୁ ପାଇବେ । କିଏ ଦେବ ତାଙ୍କୁ ଶିଶୁଟିଏ ?

Digitized by srujanika@gmail.com

ତାନ୍ତ୍ରିକ ଟହ ଟହ ହୋଇ ହସି ଉଠିଲେ--ଏ ଦୁନିଆରେ କିଛି ଅସମ୍ଭବ ନୁହେଁ । ପ୍ରତି ଦିନ ଶହ ଶହ ଶିଶୁ ଖାଇବାକୁ ନପାଇ, ଔଷଧ ନପାଇ ପୋକ ମାଛି ପରି ମରୁଛନ୍ତି । ସେଇଥିରୁ ଗୋଟିଏ ଶିଶୁ ତମେ ଯୋଗାଡ଼ କର । ଟଙ୍କା ଖର୍ଚ୍ଚ କଲେ ସବୁ ମିଳିବ । ଯୋଉ ଗରିବ ଲୋକର ପାଞ୍ଚଟା କି ଛଅଟି ପିଲା ସେମାନେ ଭୋକରେ ସମସ୍ତେ ଛଟ ପଟ ହେଉଛନ୍ତି । ସେମିତିଆ ଗୋଟେ ପରିବାରକୁ ତୁମେ ଯାଅ । ଖାଦ୍ୟ ପୁଡ଼ିଆଟେ ଦେଖେଇ ଦେଲେ ତମ ପଛରେ ଶିଶୁମାନଙ୍କର ଧାଡ଼ି ଲାଗିବ । ସେଇଥିରୁ ବାଛି ଆଣିବ ତମର ମନ ପସନ୍ଦର ଶିଶୁ ।

ଧନେଶ୍ୱର କହିଲା—ସେ ଶିଶୁମାନଙ୍କର ବାପା ମାଆ କ'ଣ ସେମାନଙ୍କୁ ଛାଡ଼ିଦେବେ ? ସେମାନେ ଯଦି ପୋଲିସ୍‌କୁ ଖବର ଦିଅନ୍ତି ?

ତାନ୍ତ୍ରିକ ଗର୍ଜି ଉଠିଲେ—ଯୋଉ ବାପର ପାଞ୍ଚ ସାତଟା ପିଲା ଭୋକ ଉପାସରେ ଛଟପଟ ହେଉଛନ୍ତି, ସେ ବାପା ସେଥିରୁ ଗୋଟିକୁ ବିକି ଅନ୍ୟମାନଙ୍କୁ ବଞ୍ଚେଇବାକୁ ପଛେଇବ ନାହିଁ । ତୁମେ ଯାଇକି ଚେଷ୍ଟାକର । ଗୋଟିଏ ଶିଶୁ ପାଇଁ ତୁମେ ପାଞ୍ଚ ହଜାରଠାରୁ ଆରମ୍ଭ କରି ପଚିଶ ହଜାର ପର୍ଯ୍ୟନ୍ତ ଟଙ୍କାର ଲୋଭ ଦେଖାଅ । ଦେଖିବ ବାପ ପୋଲିସ ଆଖିରେ ଧୂଳି ଦେଇ ତୁମ ହାତରେ ତା'ର ଗୋଟିଏ ପୁଅକୁ ଟେକି ଦେବ ।

Digitized by srujanika@gmail.com

ଧନେଶ୍ୱର କହିଲା— ଶିଶୁବଳୀ କଥା ଶୁଣିକି ବେଳୁ ମୋ ଦେହ ଥରୁଛି । ମୁଁ ଏ କାମକୁ ପାରିବ ନାହିଁ । ଆଉ ଯଦି କିଛି ଉପାୟ ଅଛି କୁହନ୍ତୁ ।

ତାନ୍ତ୍ରିକ କହିଲେ—ନା ଆଉ କିଛି ଉପାୟ ନାହିଁ । କାଳୀଙ୍କୁ ଗୋଟିଏ ସୁନାର ଶିଶୁ କିମ୍ବା ରକ୍ତ ମାଂସର ଶିଶୁ ନଦେଲେ ତାଙ୍କୁ ଶିଶୁଟିଏ ମାଗିବା ବୃଥା । କିନ୍ତୁ······

"କିନ୍ତୁ କ'ଣ ଆଜ୍ଞା ? ଆଉ କିଛି ଉପାୟ ଅଛି ଯଦି କୁହନ୍ତୁ ?" ଧନେଶ୍ୱର ଖୁବ୍ ବ୍ୟାକୁଳ ହୋଇ କହିଲା ।

ଅଛି, ଆଉ ଗୋଟେ ଉପାୟ ଅଛି । ଶିଶୁବଳୀ ଯୋଗାଡ଼ କରିବା ପାଇଁ ଗୋଟିଏ ଉପାୟ ଅଛି । ମୁଁ ତୁମକୁ ଜଣେ ଲୋକ ପାଖକୁ ପଠାଇବି । ତୁମେ ତା ସହିତ କଥାବାର୍ତ୍ତା କରିବ । ସିଏ ଯେତିକ ଟଙ୍କା ଚାହିଁବ ତୁମେ ତାକୁ ସେତିକ ଟଙ୍କା ଦେଇ-ଦେଲେ ସିଏ ବଳୀପାଇଁ ଶିଶୁ ଆଣି ମୋ ପାଖରେ ପହଞ୍ଚାଇ ଦେବ ।

ଧନେଶ୍ୱର କହିଲା—କିନ୍ତୁ ଆଜ୍ଞା ଏ ବଳୀ କଥା ଶୁଣି ମତେ ଡ଼ର ମାଡ଼ୁଛି ।

ତାନ୍ତ୍ରିକ କହିଲେ—ତମର ବଳୀ ସହିତ ଆଉ କିଛିତ ସମ୍ପର୍କ ରହିଲା ନାହିଁ, ତମେ ଭୟ କରୁଛ କାହିଁକି ?

Digitized by srujanika@gmail.com

ଶିଶୁଟି ଅନ୍ୟ ଜଣେ ଯୋଗାଡ଼ କରିବେ, ବଳୀ ଦେବା କାମ ମୋର । ତମେ କେବଳ ଟଙ୍କା ଦେବ ।

ଧନେଶ୍ୱର ଓ କୁସୁମ ଦୁହେଁ ତାନ୍ତ୍ରିକଙ୍କ କଥା ଉପରେ ନିଜାଞ୍ଜନକୁ ଆସି ଅନେକ ସମୟ ଆଲୋଚନା କଲେ । ତାପରେ ସ୍ଥିର କଲେ ଆମେ କେବଳ ଟଙ୍କା ଦେବା ତେଣିକି ତାନ୍ତ୍ରିକ ଯାହା କରିବ ସେଥିପାଇଁ ସିଏ ଦାୟୀ ହେବ । ତାଙ୍କର ପିଲାଟିଏ ଦରକାର ।



ତାନ୍ତ୍ରିକଙ୍କ କଥାରେ ରାଜି ହୋଇ ସେଦିନ ଧନେଶ୍ୱର ଓ କୁସୁମ ଶଗଡ ଗାଡ଼ିରେ ଘରକୁ ଫେରିଲେ । ସ୍ଥିର ହେଲା ଆସନ୍ତା ଆଶ୍ୱିନ ମାସ ପୂର୍ଣ୍ଣିମୀ ଦିନ ବଳୀ ଦିଆଯିବ । ଏଇ ଆଠ

Digitized by srujanika@gmail.com

ଦିନ ଭିତରେ ତାନ୍ତ୍ରିକ ସେ ଲୋକର ଠିକଣା ଧନେଶ୍ୱରକୁ ଦେବେ । ଧନେଶ୍ୱର ସେ ଲୋକ ସହିତ କଥାବାର୍ତ୍ତା କରି ତା ହାତରେ ଟଙ୍କା ଧରାଇ ଦେବ ।

॥ ଆଠ ॥

ତାନ୍ତ୍ରିକ ଯେଉଁ ଲୋକର ଠିକଣା ଦେଲେ, ତାକୁ ପାଇବାକୁ କିଛି କଷ୍ଟ ହେଲା ନାହିଁ ଧନେଶ୍ୱରକୁ । ଶିଶୁଟି ଯୋଗାଡ଼ କରିଦେବା ପାଇଁ ସିଏ ମାଗିଲା ପଚିଶ ହଜାର ଟଙ୍କା । ତା ସହିତ ମୂଲାମୂଲି କଲା ପରେ ତିରିଶ ହଜାର ଟଙ୍କାରେ କଥା ପକ୍କା ହେଲା । କାମ କରିବା ପାଇଁ ଆଗତୁରା ନେଲା ଦଶ ହଜାର, ଶିଶୁଟିକୁ ପହଞ୍ଚାଇଲେ ନେବ ବାକି କୋଡ଼ିଏ ହଜାର ।

ମନ୍ଦିରା ଆସି ଧନେଶ୍ୱରକୁ ଦେଖାକଲା । ତାନ୍ତ୍ରିକ କ'ଣ କହିଲେ ବୋଲି ପଚାରିଲା । ଧନେଶ୍ୱର ତାକୁ ଏଣୁ ତେଣୁ କହି କଥା ବୁଲାଇ ଦେଲା । ଶିଶୁବଳୀ କଥା କାହାର କାନକୁ ଗଲେ ତାନ୍ତ୍ରିକ ସହିତ ସିଏ ବି ବନ୍ଧାହୋଇ ଯିବ ।

ସେଦିନ ମନ୍ଦିରା ଘରକୁ ଫେରିଗଲା । କିନ୍ତୁ ପନ୍ଦର ଦିନ ପରେ ପୁଣି ଆସିଲା କାନ୍ଦ କାନ୍ଦ ହୋଇ । ଧନେଶ୍ୱରକୁ କହିଲା-

Digitized by srujanika@gmail.com

କ'ଣ କହିବି ଧନୁଭାଇ, ମୋ ସାନ ପୁଅ ଧରମା ସ୍କୁଲକୁ ଯାଇଥିଲା, କାଲିଠୁ ଘରକୁ ଲେଉଟି ନାହିଁ । କୁଆଡେ ଗଲା ପିଲାଟା କ'ଣ କଲା ତାକୁ ଖୋଜି ଖୋଜି ମୋ ବୁଦ୍ଧି ବଣା ହେଇ ଗଲାଣି । ସାତ ବରଷର ପିଲାଟା କୁଆଡେ ଗଲା ? ମୁଁ ଆମର ସବୁ ବନ୍ଧୁବାନ୍ଧବ ଘର ଆଉ ଆମ ଗାଆଁଟା ପଥର ପତରକୁ ଖୋଜି ସାରିଲିଣି ।

ଧନେଶ୍ୱର ଚମକି ପଡ଼ିଲା - କ'ଣ କହିଲ ତମ ସାନ ପୁଅ ଧରମୁ କୁଆଡ଼େ ପଳେଇଚି ? ତାକୁ କିଏ ଧରିନେଇ ଯାଇ ନାହିଁତ ?

ମନ୍ଦର କହିଲା—ମୁଁ ତ ସେଇ କଥା ଭାବୁଛି । ତାକୁ କିଏ ଛୁଆ ଧରା ଧରି ନେଇଛି ।

ଧରମା ଧରମା କହି ମନ୍ଦର ମୁଣ୍ଡ ବାଡ଼େଇ କାନ୍ଦି ଉଠିଲା । ଧନେଶ୍ୱର ତାକୁ ସାନ୍ତ୍ୱନା ଦେଲା । କୁସୁମ ଆସି କଥାଟା ଶୁଣି କାନ୍ଦି ପକାଇଲା । ଧନେଶ୍ୱର କହିଲା – ପିଲାଟା ତା କୋଉ ସାଙ୍ଗ ସାଥୀ ଘରେ ରହିଯାଇଥିବ । ଛୁଆଧରା ନେବା କଥା ମିଛ । ଛୁଆଟାକୁ ନେଇ କିଏ କ'ଣ କରିବ ?

ମନ୍ଦର କହିଲା ମୁଁ ଶୁଣିଚି ଛୁଅଙ୍କୁ ନେଇ କେତେକ ଲୋକ ଭିକ ମଗାଇ ତାଙ୍କ ପଇସାରେ ନିଜେ ଚଳନ୍ତି । ଆଉ କେତେକ ଅନ୍ୟ ଦେଶରେ ବିକି କରି ଦିଅନ୍ତି । ଆଉ କେତେକ କାଳୀ ସାଧକ ପିଲାଙ୍କୁ ନେଇ କାଳୀଙ୍କ ପାଖରେ ବଳୀ ଦିଅନ୍ତି ।

Digitized by srujanika@gmail.com

ଧ ନେଶ୍ୱର ଓ କୁସୁମ ଦୁଇ ଜଣଙ୍କ ମୁହଁ ଶୁଖିଗଲା । ସତେ ଯେମିତି ମନ୍ଦରା ସେମାନଙ୍କ ଶିଶୁବଳୀ ଦେବା କଥା ଜାଣି ପାରିଛି !

ସେଦିନ ମନ୍ଦରା ଧନେଶ୍ୱରେର ସାଇକେଲ ନେଇ ସେଠୁ ଦଶ କୋଶ ଦୂରରେ ଥିବା ହରିପୁର ପୋଲିସ ଫାଣ୍ଡିକୁ ଯାଇ ଏତଲା ଦେଇ ଆସିଲା ।

ସେ ଦିନ ଦ୍ୱିପ୍ରହର ବାରଟା ବେଳକୁ ଧନେଶ୍ୱରର ବାଡ଼ ପଟ କବାଟ କିଏ ଠକ୍ ଠକ୍ କଲା । କବାଟ ଫିଟାଇ ଆଗରେ ଅଜଗର ପହଲ୍‌ୱାନକୁ ଦେଖି ଧନେଶ୍ୱର ଚମକି ପଡ଼ିଲା ।

ଅଜଗର କହିଲା ତା କାମ ସରିଯାଇଛି । ପିଲାଟାକୁ ସିଏ ତାନ୍ତ୍ରିକଙ୍କ ଜିମା କରି ଦେଇଛି । ତା ବାକିଆ ପାଉଣା ନେବା

Digitized by srujanika@gmail.com

ପାଇଁ ସେ ଆସିଛି । କିନ୍ତୁ ଧନେଶ୍ୱର ବାକି ଟଙ୍କା ସଙ୍ଗେ ସଙ୍ଗେ ଦେବାକୁ ରାଜି ହେଲେ ନାହିଁ । ସେ ତାକୁ କହିଲେ ବଳୀ ପଡ଼ି ସାରିଲା ପରେ ଯାଇ ବାକି ଟଙ୍କା ଦିଆହେବ । ସବୁ ଝମେଲା ଏବେଠୁ ଆରମ୍ଭ ହବ । ପୋଲିସ ସେ ପିଲାଟାକୁ ଖୋଜିବେ ।

ଅଜଗର ଜିଗର କଲା - ନା, ଆଜ୍ଞା ସେକଥା ହୋଇ ପାରିବ ନାହିଁ । ମୁଁ ଆଜି ଟଙ୍କା ନେବି । ଆମର ଯାହା ଜବାବ ହୋଇଥିଲା ତାକୁ ଭାଙ୍ଗିଲେ କେମିତି ହବ ? ଇଏ ବଡ଼ ଖତରନାକ କାମ ଆଜ୍ଞା । ଟଙ୍କା ତିରିଶ ହଜାର, ଏ କାମ ପାଇଁ କିଛି ନୁହଁ ।

ଧନେଶ୍ୱର କହିଲେ ଦେଖ ଅଜଗର, ତୁମେ ଏଠିକି ଆସିବା କଥା ଯଦି କିଏ ଜାଣେ, ତେବେ ବିପଦ । ତମେତ ଜାଣିଚ ଏକାମ କେତେ ଗୁପ୍ତରେ କରିବାକୁ ହେବ । ପିଲାଟାକୁ ଖାଲି ଧରି ଆଣିଲେ କିଛି ହୁଏ ନାହିଁ । ଯଦି ଭଲରେ ଭଲରେ କାମ ସରିବ ତେବେ ମୁଁ ତୁମ ଟଙ୍କା ଦେବି । ପୂର୍ଣ୍ଣିମୀ ଆଉ ଦି ଦିନ ଅଛି । ଏଇ ଦୁଇ ଦିନ ସେ ପିଲାକୁ ଲୁଚେଇ ରଖିବା ସବୁଠୁ ବଡ଼ କଥା । ତୁସିଆର ଅଜଗର ଏକଥା ଯେମିତି କାନକୁ ଦିକାନ ନହୁଏ । ତମେ ଆଜି ଯାଅ ମୁଁ କାଲି ନେଇ ତୁମକୁ ଆଉ ପାଞ୍ଚ ହଜାର ଟଙ୍କା ଦେଇ ଆସିବି । କାମ ସରିଲେ ବାକି ପନ୍ଦର ହଜାର ଟଙ୍କା ପାଇବ ।

ଅଜଗର ସେଦିନ ଫେରିଗଲା ପରେ ଧନେଶ୍ୱର ଆଉ କୁସୁମ ସେ ରାତିରେ ଆଉ ଶୋଇ ପାରିଲେ ନାହିଁ । ସେମାନେ

Digitized by srujanika@gmail.com

ଆଉ ଜାଣିବାକୁ ବାକି ରହିଲା ନାହିଁ ଯେ ସେ ପିଲାଟା ମନ୍ଦିରର ପୂଜା ଧରମା ।

॥ ନଅ ॥

କୁମାର ପୂର୍ଣ୍ଣିମୀ ଦିନ ସକାଳୁ ଧନେଶ୍ୱର ତାନ୍ତ୍ରିକଙ୍କ ପାଖରେ ପହଞ୍ଚିଲେ । ସେମାନେ ଦିନସାରା ଚାଲି ଚାଲି ଗୋଟିଏ ଜଙ୍ଗଲରେ ପହଞ୍ଚିଲେ । ସେତେବେଳକୁ ସୂର୍ଯ୍ୟ ମୁଣ୍ଡ ଉପରୁ ଗଡ଼ିଲେଣି ।

ଜଙ୍ଗଲରେ ଗୋଟିଏ ଅନ୍ଧାରିଆ ଲଟାଗହଳରେ କାଳୀଙ୍କ ମୂର୍ତ୍ତୀ ରହିଛି । କଳା ମୁଗୁନି ପଥରର ମଣିଷେ ଉଚର

Digitized by srujanika@gmail.com

ମୂର୍ତ୍ତି । ତାଙ୍କ ବେକରେ ପଡ଼ିଛି ନାଲି ମନ୍ଦାର ଫୁଲର ହାର । କାଳୀଙ୍କ ଦେହ ସାରା ଜଡ଼ାତେଲ ସିନ୍ଦୁର ଲିପା ଯାଇଛି । ଗୋଟେ କଡ଼କୁ ଖଣ୍ଡା ପଟେ ଡେରି ଯାଇଛି । ତାର ଧାର ଚକ୍ ଚକ୍ କରୁଛି । ଲଟା ଭିତରକୁ ଶିଶୁଟିର ହାତ ଗୋଡ଼ ବନ୍ଧାଯାଇ ପଡ଼ିଛି । ତାର ପାଟିରେ କନା ବଣ୍ଡା ଦିଆଯାଇ ମୁହଁଟା ବନ୍ଧା ଯାଇଛି ।

•

ଧନେଶ୍ୱର ଚିହ୍ନି ପାରିଲେ ଏ ଶିଶୁଟି ମନ୍ଦରାର ପୁଅ ଧରମା । ପିଲାଟିର ଦୁଃଖ ଦେଖି ତାଙ୍କ ଆଖିରେ ଲୁହ ଆସିଲା । କିନ୍ତୁ ତାଙ୍କ ପାଟି ଫିଟୁ ନାହିଁ । ସିଏ ଆଦର କରି ପାରୁ ନାହାଁନ୍ତି ନିଜର ପିଲାଟିଏ ହେବାର ସପନ ତାଙ୍କୁ ଅମଣିଷ କରି ଦେଇଛି ।

ତାନ୍ତ୍ରୀକ କାଳୀଙ୍କ ପାଖରେ ମନ୍ତ୍ରପଢ଼ି ପୂଜା କରିବା ଆରମ୍ଭ କରିଦେଲେ । ପଛରୁ କଣ ଗୋଟେ ଖସ ଖସ ଶବ୍ଦ ଶୁଣି ଧନେଶ୍ୱର ପଛକୁ ଚାହିଁଲେ । ଯାହା ଦେଖିଲେ ସେଥିରେ ତାଙ୍କ ରକ୍ତ ବରଫ ପାଲଟିଗଲା । ପାଟି ଖନି ବାଜିଲା । ସିଏ ଖନ୍ ଖନ୍ ପାଟିରେ ଚିତ୍କାର କଲେ—ପୋ···ପୋ·· ପୋଲିସ, ପୋଲିସ ।

ତାନ୍ତ୍ରିକ ଆଖି ପିଛୁଳାକେ ଦୌଡ଼ ଆରମ୍ଭ କରିଦେଲେ । ପୋଲିସ ଚାରି କଡରୁ ଘେରାଉ କରି ସାରିଥିଲେ । ପୋଲିସଙ୍କ ସାଙ୍ଗରେ ଥିଲା ଅଜଗର ଆଉ ମନ୍ଦରା ।

Digitized by srujanika@gmail.com

ପୋଲିସ ହାତରେ ଅଜଗର ଧରା ପଡ଼ି ସବୁକଥା ମାନି ଯାଇ ପିଲାଟିକୁ ରଖାଯାଇଥିବା ଜଙ୍ଗଲ ପର୍ଯ୍ୟନ୍ତ ବାଟ କଢ଼ାଇ ଆଣିଥିଲା । ମନ୍ଦିରା ଧନେଶ୍ୱରଙ୍କ ଦେଖି ଅବାକ୍ ହୋଇଗଲା ।

ପୋଲିସ ଧରମାକୁ ଉଦ୍ଧାର କଲେ । ଧନେଶ୍ୱର, ତାନ୍ତ୍ରିକ ଓ ଅଜଗର ଗିରଫ ହୋଇ ଥାନା ହାଜତରେ ରହିଲେ ।

ଥାନା ବାବୁ ଧନେଶ୍ୱରଙ୍କୁ ବୁଝାଇଲେ – ମନ୍ତ୍ର, ତନ୍ତ୍ର କି ଶିଶୁବଳୀ ଦେଲେ ପିଲା ହେବନାହିଁ । ତୁମର କି ତୁମ ସ୍ତ୍ରୀଙ୍କର କିଛି ଅସୁବିଧା ଥିବ । ଡାକ୍ତର ଖାନାକୁ ଯାଇ ସେତିକ ଯଦି ତୁମେ ପରୀକ୍ଷା କରାଇ ନେଇ ଥାଆନ୍ତ ତେବେ ଆଜି ଏ ଅସୁ-



ବିଧା ହୋଇ ନଥାନ୍ତା । ଡାକ୍ତରୀ ପରୀକ୍ଷା ପରେ ଯାହାର ଅସୁବିଧା ଅଛି ବୋଲି ଜଣା ପଡ଼ି ଥାଆନ୍ତା ସେଇଟା ଚିକିତ୍ସା ଦ୍ୱାରା ଦୂର କରି ଦେଇଥିଲେ ତୁମର ପିଲା ହୋଇଥାଆନ୍ତା । କିନ୍ତୁ

Digitized by srujanika@gmail.com

ତୁମେ କଲ କ'ଣ ? ଏଇ ଭଣ୍ଡ ତାନ୍ତ୍ରିକ କଥାରେ ପଡ଼ି ଗୋଟିଏ ଶିଶୁ ବଧ କରିବାକୁ ଯାଇଥିଲ ।

ଗୋଟିଏ ଶିଶୁକୁ ବଳୀ ଦେଲେ ତାର ଲୁହ ରକ୍ତ ତୁମର ଘୋର କ୍ଷତ କରନ୍ତା । ତାର ତତଲା ନିଃଶ୍ୱାସରେ ତୁମର ସବୁ ଜଳି ପୋଡ଼ି ନଷ୍ଟ ହୋଇଯିବ ।

ଧନେଶ୍ୱର ତଳକୁ ମୁଣ୍ଡ ପୋତି ଠିଆହୋଇ କାନ୍ଦୁଥିଲେ ।

୦

Digitized by srujanika@gmail.com